# ଯାଉନାହାନ୍ତି କୋଚ୍, ପିଇଟି କରୁଛନ୍ତି ଚୟନ

**କଟକ,୧୧।୭/ଏନ୍‌ଏନ୍‌ଏସ୍:** ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ରାଜ୍ୟରେ ଥିବା ବିଭିନ୍ନ କ୍ରୀଡ଼ା ଛାତ୍ରାବାସ ପାଇଁ ଖେଳାଳି ଚୟନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଗତ ଜୁନ୍ ୨୮ ତାରିଖରୁ ଖେଳର ଗଡ଼ ସୁନ୍ଦରଗଡ଼ ଜିଲ୍ଲାରେ କ୍ରୀଡ଼ା ଛାତ୍ରାବାସ ପାଇଁ ଖେଳାଳି ଚୟନ ଆରମ୍ଭ ହୋଇ ଗତକାଲି ଶେଷ ହୋଇଛି। ତେବେ ଏହି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗତ ୭ ତାରିଖରେ ବଣେଇ କ୍ଲଷ୍ଟର୍‌ର ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡ଼ା ଓ ବଣେଇ ବ୍ଲକ୍‌ରେ ଚୟନ ପ୍ରକ୍ରିୟା ପାଇଁ କାର୍ଯ୍ୟକ୍ରମ ରହିଥିଲା। ଏ ନେଇ କିଛି ବିଦ୍ୟାଳୟ ନିଜସ୍ୱ ସୂତ୍ରରୁ ଖବର ପାଇଥିବା ବେଳେ ସେମାନେ ଉକ୍ତଦିନ ଚୟନ ପାଇଁ ଉଦ୍ଦିଷ୍ଟ କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ପହଞ୍ଚି ଥିଲେ। ତେବେ ସମ୍ପୃକ୍ତ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଖବର ନାହିଁ ବୋଲି କହିଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା। ସେହିଭଳି ଖେଳାଳି ଚୟନ ପ୍ରକ୍ରିୟାରେ ନିଯୁକ୍ତ କୋଚ୍‌ଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଥିଲା। ପରେ କିଛି ପିଇଟି ବହୁ ବିଳମ୍ବରେ ପହଞ୍ଚି ହକି, କବାଡ଼ି, ଫୁଟ୍‌ବଲ୍, ଆଥ୍‌ଲେଟିକ୍ସ ଆଦି ଇଭେଣ୍ଟ ପାଇଁ ଖେଳାଳି ଚୟନ କରିଥିଲେ। ମାତ୍ର ଏହି ପିଇଟିମାନେ ନିୟମାନୁଯାୟୀ ଖେଳାଳି ଚୟନ ନକରି ନିଜ ଇଚ୍ଛାରେ ଖେଳାଳି ଚୟନ ପ୍ରକ୍ରିୟା କରିଥିବା କିଛି ଖେଳାଳି ତଥା କୋଚ୍ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏ ନେଇ ମଧ୍ୟ ସମ୍ପୃକ୍ତ ପିଇଟିଙ୍କୁ କୋଚ୍‌ମାନେ ଅଭିଯୋଗ କରିବା ସହ ଖେଳାଳି ଚୟନ ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜ କୁମାର ଖେସ୍‌ଙ୍କ ସହ ଯୋଗାଯୋଗ କରିବାରୁ ପିଇଟି ମଧ୍ୟ ଖେଳାଳି ଚୟନ କରିବାର ନିୟମ ରହିଛି ବୋଲି ମତ ଦେଇଛନ୍ତି। ସେହିଭଳି ଡେପୁଟୀ ସେକ୍ରେଟାରୀ ମନୋଜ ପାଢ଼ୀଙ୍କ ସହ ଯୋଗଯୋଗ କରିବାରୁ ସେ କହିଥିଲେ ଯେ ସବୁ କ୍ଲଷ୍ଟର୍‌କୁ କୋଚ୍ ଯାଇ ଖେଳାଳି ଚୟନ କରିବା ସମ୍ଭବପର ନୁହେଁ। ତେଣୁ ଜିଲ୍ଲାପାଳମାନଙ୍କୁ ନିଜ କ୍ଷମତା ଅନୁଯାୟୀ ଖେଳାଳି ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ମିଳିଲେ ଯାହା ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଏଠାରେ ପ୍ରଶ୍ନଉଠେ ଖେଳାଳି ଚୟନ ପାଇଁ ଯେଉଁ ପିଇଟିମାନଙ୍କୁ ନିଯୁକ୍ତ କରାଯାଇଥିଲା ସେମାନଙ୍କର ଉକ୍ତ ଖେଳ ଉପରେ କେତେ ଦକ୍ଷତା ରହିଛି ? ଯଦି ସେମାନଙ୍କର ଦକ୍ଷତା ଥିଲା ତେବେ ସେମାନେ ନିୟମାନୁଯାୟୀ ଖେଳାଳି ଚୟନ ପ୍ରକ୍ରିୟା ପରିଚାଳନା କରିପାରିଲେ ନାହିଁ କିଭଳି ? ଏ ଦିଗରେ ରାଜ୍ୟ କ୍ରୀଡ଼ା ବିଭାଗ ଦୃଷ୍ଟି ଦେବାକୁ କ୍ରୀଡ଼ାବିତ୍ ତଥା କୋଚ୍ ମହଲରେ ଦାବି ହୋଇଛି।